# OFFICE OF THE NOTIFIED AREA COUNCIL, KHARIAR

AT/PO- KHARIAR, Dist- NUAPADA, PIN-766107

e-mail- khariarn.hud@ori.nic.in, khariarnac@gmail.com


Letter No. 3894 / NAC KHR Dated 26-10-2022

## ନିଲାମ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଡିଆଳ ଅଧିନରେ ଥିବା ଦୈନିକ ବଜାର **(ସାପ୍ତାହିକ ବଜାର ଛଡା)** ଦୈନିକ ଟିକସ ଅସୁଲ କରିବା ପାଇଁ ଏକ ବର୍ଷ ସକାଶେ ଅର୍ଥାତ ୨୦ ନଭେମ୍ବର ୨୦୨୨ ଠାରୁ ୨୦ ନଭେମ୍ବର ୨୦୨୩ ପର୍ଯ୍ୟନ୍ତ ନିଲାମ କରାଯିବା ପାଇଁ ସ୍ଥିରିକୃତ ହୋଇଅଛି । ଏଥିପାଇଁ ଅସୁଲି ଦର ଏବଂ ସର୍ବନିମ୍ନ ଦର (Up set price) ନିମ୍ନରେ ଧାର୍ଯ୍ୟ କରାଯାଇଅଛି । ଇଚ୍ଛୁକ ବ୍ୟକ୍ତି/ଅନୁଷ୍ଠାନ/ସ୍ୱୟଂ ସହାୟକ ଗୋଷ୍ଠି ନିମ୍ନୋକ୍ତ ବଜାର ପାଇଁ ଜଉମୁଦ ଲଫାପାରେ ନିମ୍ନଲିଖିତ ସର୍ତ୍ତାବଳୀ ଅନୁଯାୟୀ ଦର ଦାଖଲ କରି ଅଂଶ ଗ୍ରହଣ କରିପାରିବେ । ତା.୨୭.୧୦.୨୦୨୨ ଠାରୁ ତା. ୦୪.୧୧.୨୦୨୨ **ଅପରାହ୍ନ ଘ.୫.୩୦ଣ୍ଟା** ପର୍ଯ୍ୟନ୍ତ (ଛୁଟିଦିନ ବ୍ୟତୀତ) ନିଲାମ କାଗଜାତ ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଡିଆଳ ଠାରେ ବିକ୍ରୟ କରାଯିବ । ନିଲାମ କାଗଜାତ **ତା. ୦୯.୧୧.୨୦୨୨ ଅପରାହ୍ନ ଘ.୫.୩୦ଣ୍ଟା** ସୁଦ୍ଧା ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଡିଆଳ କାର୍ଯ୍ୟାଳୟରେ **ରେଜିଷ୍ଟ୍ରି ଡାକ/ସ୍ପିଡ ଡାକ** ରେ ପହଞ୍ଚିବା ଦରକାର, ଏହି ତାରିଖ ଓ ସମୟ ପରେ ଆସିଥିବା ନିଲାମ କାଗଜାତକୁ ଗ୍ରହଣ କରାଯିବ ନାହିଁ । ନିଲାମ ଅଂଶଗ୍ରହଣକାରୀ/ପ୍ରାଧିକୃତଙ୍କ ଉପସ୍ଥିତିରେ ଆସନ୍ତା **ତା.୧୧.୧୧.୨୦୨୨ ରିଖ ଦିନ ୧୧.୦୦ ଘଟିକା** ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ନିଲାମ ଖୋଲାଯିବ ।

| କ୍ରମିକ ନମ୍ବର | ସମ୍ପତ୍ତି ର ନାମ | ନିଲାମରେ ଅଂଶଗ୍ରହଣ କରିବାର ସର୍ବନିମ୍ନ ଦର (Up set price per month) |
|---|---|---|
| ୦୧. | ଦୈନିକ ବଜାର | ୭୦,୦୦୦.୦୦ (ସତୁରି ହଜାର) ଟଙ୍କା ମାତ୍ର (ପ୍ରତି ମାସ) |

ଅସୁଲି ଦର

| ପସରା/ଠେଲା/ତକ୍ତାର ମାପ | ଅସୁଲି ଦର |
|---|---|
| ୪' x ୬' | ୧୦.୦୦ ଟଙ୍କା ମାତ୍ର |
| ୮' x ୧୨' | ୨୦.୦୦ ଟଙ୍କା ମାତ୍ର |

ଅସୁଲି ଦର

| ଗାଡିର ନାମ (କେବଳ ଫଳ ଓ ପନିପରିବା ଗାଡି) | ଅସୁଲି ଦର |
|---|---|
| ଅଟୋ ଓ ଚାରି ଚକିଆ ଯାନ | ୩୦.୦୦ ଟଙ୍କା ମାତ୍ର |
| ଛଅ ଚକିଆ ଯାନ | ୭୦.୦୦ ଟଙ୍କା ମାତ୍ର |
| ଦଶ ଚକିଆ ଯାନ | ୧୦୦.୦୦ ଟଙ୍କା ମାତ୍ର |
| ବାର ଚକିଆ ଯାନ | ୧୨୦.୦୦ ଟଙ୍କା ମାତ୍ର |

Note – କେବଳ ଫଳ ଓ ପନିପରିବା ଗାଡିକୁ ଏହି ଟିକସ ଲାଗୁ ହେବ ।

## ସର୍ତ୍ତାବଳୀ

(କ) ଯେଉଁମାନଙ୍କ ଉପରେ ବିଜ୍ଞାପିତ ଅଞ୍ଚଳ ପରିଷଦର ଠିକା ଦେୟ ଟଙ୍କା କିମ୍ବା ଅନ୍ୟାନ୍ୟ ଟିକସ ବାବଦକୁ ବକେୟା ଥିବ ସେମାନେ ନିଲାମରେ ଅଂଶ ଗ୍ରହଣ କରିପାରିବେ ନାହିଁ । ସେମାନଙ୍କ ଦରଖାସ୍ତ କୁ ନାକଚ କରିଦିଆଯିବ ।

(ଖ) **ତା.୨୭.୧୦.୨୦୨୨ ଠାରୁ ତା. ୦୪.୧୧.୨୦୨୨ ଅପରାହ୍ନ ଘ.୫.୩୦ଣ୍ଟା** ପର୍ଯ୍ୟନ୍ତ (ଛୁଟିଦିନ ବ୍ୟତୀତ) ନିଲାମ କାଗଜାତ ଟ. ୬୦୦୦/- (ଛଅ ହଜାର ଟଙ୍କା) ମୂଲ୍ୟରେ Auction Paper Cost (non-refundable) ବିକ୍ରୟ କରାଯିବ । ଏହା କୌଣସି ପରିସ୍ଥିତିରେ (ନିଲାମ ପ୍ରକ୍ରିୟା ରଦ୍ଦ ହେଲେ ମଧ୍ୟ) ଫେରସ୍ତ ହେବ ନାହିଁ ।

(ଗ) ଅଂଶଗ୍ରହଣକାରୀ ନିଲାମରେ ଅଂଶ ଗ୍ରହଣ କରିବା ପାଇଁ ୧୦,୦୦୦.୦୦ ଟଙ୍କାର EMD ଜମା ଆକାରରେ (Bank Draft/TDR/STDR/NSC/KVP placed in favour of Executive Officer, NAC, Khariar payable at Khariar) ଜମା କରିବେ । ଯଦି ସେ ନିଲାମ ପାଇଁ ଯୋଗ୍ୟ ହୋଇ ନିଲାମକୁ ନେବା ପାଇଁ ଇଚ୍ଛୁକ ନ ଥିବେ ତାହେଲେ ତାଙ୍କର ଏହି EMD କୁ ବ୍ୟାଜାପ୍ତ କରାଯିବ ।

Executive Officer
Notified Area Council
KHARIAR

(ଘ) ଅଂଶଗ୍ରହଣକାରୀ ନିଲାମରେ ଅଂଶ ଗ୍ରହଣ କରିବା ପାଇଁ ନିମୋକ୍ତ କାଗଜାତ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଜଉମଦ ଲଫାଫାରେ (ଉପରେ ଦୈନିକ ବଜାର ନିଲାମ କାଗଜାତ ଲେଖା ହୋଇଥିବ) **ରେଜିଷ୍ଟ୍ରି ଡାକ/ସ୍ପିଡ ଡାକ ରେ ତା୦୯।୧୧।୨୦୨୨ ରିଖ ଅପରାହ୍ନ ଘ.୫.୩୦ଣ୍ଟା** ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରେ ପହଞ୍ଚିବା ଦରକାର । ଏହି ତାରିଖ ଓ ସମୟ ପରେ ଆସିଥିବା ନିଲାମ କାଗଜାତକୁ ଗ୍ରହଣ କରାଯିବ ନାହିଁ ।

| | |
|---|---|
| (୧) | ଆଧାର କାର୍ଡ ଏବଂ ପାନ କାର୍ଡର ଅବିକଳ ନକଲ (Self Attested) । |
| (୨) | ନିଲାମ କାଗଜାତ କିଣିଥିବା original money ରସିଦ । |
| (୩) | ଅଂଶଗ୍ରହଣକାରୀ ଲେଖିଥିବା ମୂଲ୍ୟାଙ୍କ ରାଶିର ୦୩ ମାସର ନିଲାମ ରାଶି ସିକୁରିଟି ଜମା ୧୮ ମାସର (Validity) Bank Guarantee ଆକାରରେ placed in favour of Executive Officer, NAC, Khariar payable at Khariar) ଜମା କରିବେ । (Original Bank Guarantee ଜମା କରିବେ) । |
| (୪) | ୧୦,୦୦୦.୦୦ ଟଙ୍କାର original EMD ଜମା କରିବେ । |
| (୫) | ନିଲାମ କାଗଜାତ । |
| (୬) | ନିଜର ବର୍ତ୍ତମାନ ଫଟୋ ୦୨ କପି । |
| (୭) | ମ୍ୟୁନିସିପାଲ No Dues Certificate ।<br>(ହୋଲଡିଙ୍ଗ ଟିକସ,ଟ୍ରେଡ ଲାଇସେନ୍ସ ଫି, କେବିନ ଭଡା ଫି, SWM user ଫି, ଅନ୍ୟାନ୍ୟ ଟେଣ୍ଡର/ନିଲାମ/ଲିଜ ବକେୟା ଏବଂ ଅନ୍ୟାନ୍ୟ ଫି) |

ଉପରୋକ୍ତ କାଗଜାତ ମଧ୍ୟରୁ କୌଣସି ଗୋଟିଏ ମଧ୍ୟ କାଗଜାତ ନ ଥିଲେ ସେହି ବ୍ୟକ୍ତିଙ୍କର ନିଲାମ କାଗଜାତକୁ ନାକଚ କରାଯିବ ।

(ଙ) ଯେଉଁ ଅଂଶଗ୍ରହଣକାରୀଙ୍କ ମୂଲ୍ୟାଙ୍କ ରାଶି ସର୍ବାଧିକ ହେବ ତାଙ୍କୁ L1 ଘୋଷଣା କରାଯିବ । ସେହିପରି ଭାବରେ ପରବର୍ତ୍ତୀ ସର୍ବାଧିକ ମୂଲ୍ୟାଙ୍କ ରାଶି ମାନଙ୍କୁ ଯଥା- L2 ଓ L3 ଘୋଷଣା କରାଯିବ ।

(ଚ) ଡାକ ଜନିତ ବିଳମ୍ବ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

(ଛ) ଯଦି ବ୍ୟକ୍ତି/ଅନୁଷ୍ଠାନଙ୍କ ନିଲାମ ଦର ସ୍ୱୟଂ ସହାୟକ ଗୋଷ୍ଠି ସହିତ ସମାନ ହୁଏ, ତେବେ ସ୍ୱୟଂ ସହାୟକ ଗୋଷ୍ଠିକୁ ଅଗ୍ରାଧିକାର ଦିଆଯିବ ।

(ଜ) ଯୋଗ୍ୟ ବିବେଚିତ ବ୍ୟକ୍ତି/ଅନୁଷ୍ଠାନ/ସ୍ୱୟଂ ସହାୟକ ଗୋଷ୍ଠି L1 ଘୋଷଣା ହେଲାପରେ ୦୭ ଦିନ ମଧ୍ୟରେ ନିଜର consent ପତ୍ର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଦାଖଲ କରିବେ ଏବଂ ୦୩ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷରିତ କରିବେ, ଯଦି ସେ ୭ ଦିନ ମଧ୍ୟରେ ନିଜର consent ପତ୍ର ଦାଖଲ କରି ୦୩ ଦିନ ମଧ୍ୟରେ ଚୁକ୍ତିନାମା ନ କରନ୍ତି ତାହେଲେ ତାଙ୍କର ଏକ ମାସର ସିକୁରିଟି ଜମା (BG) ବ୍ୟାଜାପ୍ତ କରାଯିବ ଏବଂ ଦୁଇ ମାସର ନିଲାମ ରାଶି (ବିନା interest ରେ) ଫେରସ୍ତ ହେବ ଏବଂ L2 କୁ ଯୋଗ୍ୟ ବିବେଚିତ କରାଯିବ । ସେହିପରି L2 ୭ ଦିନ ମଧ୍ୟରେ ନିଜର consent ପତ୍ର ଦାଖଲ କରି ୦୩ ଦିନ ମଧ୍ୟରେ ଚୁକ୍ତିନାମା ନ କରନ୍ତି ତାହେଲେ ତାଙ୍କର ଏକ ମାସର ସିକୁରିଟି ଜମା (BG) ବ୍ୟାଜାପ୍ତ କରାଯିବ ଏବଂ ଦୁଇ ମାସର ନିଲାମ ରାଶି (ବିନା interest ରେ) ଫେରସ୍ତ ହେବ ଏବଂ L3 କୁ ଯୋଗ୍ୟ ବିବେଚିତ କରାଯିବ । ସେହିପରି L3 ୭ ଦିନ ମଧ୍ୟରେ ନିଜର consent ପତ୍ର ଦାଖଲ କରି ୦୩ ଦିନ ମଧ୍ୟରେ ଚୁକ୍ତିନାମା ନ କରନ୍ତି ତାହେଲେ ତାଙ୍କର ଏକ ମାସର ସିକୁରିଟି ଜମା (BG) ବ୍ୟାଜାପ୍ତ କରାଯିବ ଏବଂ ଦୁଇ ମାସର ନିଲାମ ରାଶି (ବିନା interest ରେ) ଫେରସ୍ତ ହେବ ।

(ଝ) ଯଦି ଯୋଗ୍ୟ ବିବେଚିତ ବ୍ୟକ୍ତି/ଅନୁଷ୍ଠାନ/ସ୍ୱୟଂ ସହାୟକ ଗୋଷ୍ଠି ୭ ଦିନ ମଧ୍ୟରେ ନିଜର consent ପତ୍ର ଦାଖଲ ନ କରନ୍ତି , ତାହେଲେ ତାଙ୍କର ନିଲାମ କାଗଜାତକୁ ରଦ୍ଦ କରାଯିବ ଏବଂ ତାଙ୍କର ୧୦,୦୦୦.୦୦ ଟଙ୍କାର EMD କୁ ବ୍ୟାଜାପ୍ତ କରାଯିବ ।

(ଞ) ଯୋଗ୍ୟ ବିବେଚିତ ବ୍ୟକ୍ତି/ଅନୁଷ୍ଠାନ/ସ୍ୱୟଂ ସହାୟକ ଗୋଷ୍ଠି ୦୭ ଦିନ ମଧ୍ୟରେ ନିଜର consent ପତ୍ର ଦେଲାପରେ ୦୩ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷରିତ କରିବେ ତାପରେ କାର୍ଯ୍ୟ ଆରମ୍ଭ କରିପାରିବେ । ପ୍ରତ୍ୟେକ ମାସ ୦୭ ତାରିଖ ଭିତରେ ନିଲାମ ଟଙ୍କା ପଇଠ କରିବେ । ଯଦି ୦୭ ତାରିଖ ଭିତରେ ପଇଠ ନ କରନ୍ତି ତାହେଲେ ଦୈନିକ ୫୦୦/- ହିସାବରେ ୧୫ ତାରିଖ ପର୍ଯ୍ୟନ୍ତ late payment ନିଆଯିବ ଏବଂ ମାସର ୧୫ ତାରିଖ ଭିତରେ ଯଦି ଟଙ୍କା ଜମା ନ କରନ୍ତି ତାହେଲେ ତାଙ୍କର କାର୍ଯ୍ୟାଦେଶ କୁ ରଦ୍ଦ କରିଦିଆଯିବ ଏବଂ ତାଙ୍କର ୦୩ ମାସର ସେକୁରିଟୀ (BG) ବ୍ୟାଜପ୍ତ କରାଯିବ ।

(ଟ) ଯଦି ଯୋଗ୍ୟ ବିବେଚିତ ବ୍ୟକ୍ତି/ଅନୁଷ୍ଠାନ/ସ୍ୱୟଂ ସହାୟକ ଗୋଷ୍ଠି ନିର୍ଦ୍ଧାରିତ ଦରରୁ ଯଦି ଅଧିକ ଦର ଅସୁଲି କରିବେ ତାହେଲେ ତାଙ୍କର କାର୍ଯ୍ୟାଦେଶ କୁ ରଦ୍ଧ କରାଯିବ ଏବଂ ତାଙ୍କର ୦୩ ମାସର ସିକୁରିଟୀ ଜମା (BG)କୁ ବ୍ୟାଜ୍ୟାପ୍ତ କରାଯିବ ।

(ଠ) ଯଦି ବ୍ୟକ୍ତି/ଅନୁଷ୍ଠାନର ନିଲାମ ରାଶି ସମାନ ହୁଏ ତେବେ ଲଟେରୀ ମାଧମରେ ଚୟନ କରାଯିବ ।

(ଡ) ଏହି ଅସୁଲି ବାବଦକୁ ରସିଦ ବହି ଗୁଡିକ ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଡିଆଳ ଠାରୁ ହିଁ ଦିଆଯିବ, ଯଦି duplicate କିମ୍ବା ଜାଲି ରସିଦ ବ୍ୟବହାର କରିବେ ତାହେଲେ ତାଙ୍କର ନିଲାମ ଆଦେଶକୁ ରଦ୍ଦ କରାଯିବ ଏବଂ ତାଙ୍କର ୦୩ ମାସର ସେକୁରିଟୀ (BG) ବ୍ୟାଜପ୍ତ କରାଯିବ ।

Executive Officer
Notified Area Council
KHARIAR

(ଢ) ଯୋଗ୍ୟ ବିବେଚିତ ବ୍ୟକ୍ତି/ଅନୁଷ୍ଠାନ/ସ୍ୱୟଂ ସହାୟକ ଗୋଷ୍ଠି ବିନା ରସିଦ ରେ ଅସୁଲି କରିପାରିବେ ନାହିଁ, ଯଦି ଏହା ନଜରକୁ ଆସେ ତାହେଲେ ତାଙ୍କର ନିଲାମ ଆଦେଶକୁ ରଦ୍ଦ କରାଯିବ ଏବଂ ଏଥିପାଇଁ ସେ କୌଣସି ଦାବି କରିପାରିବେ ନାହିଁ।

(ଣ) କୌଣସି ଦେଇବିଦୁର୍ବିପାକ ଜନିତ କ୍ଷତି ପାଇଁ ପରିଷଦ କର୍ତୃପକ୍ଷ ଦାୟୀ ରହିବେ ନାହିଁ ଏବଂ ଠିକାଦାର ମଧ୍ୟ ଏଥିପାଇଁ କ୍ଷତିପୂରଣ ଦାବି କରିପାରିବେ ନାହିଁ ।

(ତ) ଯୋଗ୍ୟ ବିବେଚିତ ବ୍ୟକ୍ତି/ଅନୁଷ୍ଠାନ/ସ୍ୱୟଂ ସହାୟକ ଗୋଷ୍ଠି ବଜାରକୁ ସ୍ୱଚ୍ଛ ରଖିବେ, ନଚେତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

(ଥ) ନିଲାମର ସମୟ ସୀମା ସରିବା ପରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ସ୍ୱୟଂ ସହାୟକ ଗୋଷ୍ଠି ନବୀକରଣ କରିବା ପାଇଁ ଦାବି କରିପାରିବେ ନାହିଁ ।

(ଦ) ଏ ସମ୍ବନ୍ଧୀୟ ସବିଶେଷ ତଥ୍ୟ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଖଡିଆଳରୁ ନିର୍ଦ୍ଧାରିତ ତାରିଖ ମଧ୍ୟରେ (ଛୁଟିଦିନ ବ୍ୟତୀତ) ଅବଗତ ହୋଇପାରିବେ ।

ନିମ୍ନ ସ୍ୱାକ୍ଷରକାରୀ ସର୍ବୋଚ ନିଲାମକୁ ଗ୍ରହଣ କରିବାକୁ ବାଧ୍ୟ ନୁହଁନ୍ତି, ଆବଶ୍ୟକ ସ୍ଥଳେ କର୍ତୃପକ୍ଷ ଯେ କୌଣସି ସମୟରେ ବିନା କାରଣରେ ନିଲାମକୁ ରଦ୍ଦ କରିପାରିବେ ।

26/10/22

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଡିଆଳ
Executive Officer
Notified Area Council
KHARIAR

ଜ୍ଞାପକ ସଂଖ୍ୟା 3895 (2) / ତା. 26-10-2022 /

ଏହାର ଏକକିତା ନକଲ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଖଡିଆଳ ନୋଟିସ ବୋର୍ଡ/ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଡିଆଳ ୱେବସାଇଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଅପଲୋଡ କରାଗଲା ।

26/10/22

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଡିଆଳ
Executive Officer
Notified Area Council
KHARIAR

ଜ୍ଞାପକ ସଂଖ୍ୟା 3896 / ତା. 26-10-2022 /

ଏହାର ଏକକିତା ନକଲ DIO, NIC Nuapada ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ସର୍ବସାଧାରଣଙ୍କ ପ୍ରଚାର ନିମନ୍ତେ ଏହାକୁ ଜିଲ୍ଲା ୱେବସାଇଟ ରେ ଅପଲୋଡ କରିବା ପାଇଁ ଅନୁରୋଧ କରାଗଲା ।

26/10/22

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଡିଆଳ
Executive Officer
Notified Area Council
KHARIAR

ଜ୍ଞାପକ ସଂଖ୍ୟା 3897 (3) / ତା. 26-10-2022 /

ଏହାର ଏକକିତା ନକଲ ଜିଲ୍ଲାପାଳ, ନୂଆପଡା/ ତହସିଲଦାର, ଖଡିଆଳ/ ବ୍ଲକ ଉନ୍ନୟନ ଅଧିକାରୀ, ଖଡିଆଳଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଏହାକୁ ତାଙ୍କର କାର୍ଯ୍ୟାଳୟ ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଗୋଚରାର୍ଥେ ଛାପିବା ପାଇଁ ଅନୁରୋଧ କରାଗଲା ।

26/10/22

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଡିଆଳ
Executive Officer
Notified Area Council
KHARIAR